# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ
## କମିଟି ବୈଠକ ବିବରଣୀ

ତା ୧୯.୦୯.୨୦୨୨ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାର୍‌ମ୍ୟାନ୍,
୨. ଶ୍ରୀ ଭରତ କୁମାର ଲେଙ୍କା,
୩.ଶ୍ରୀମତୀ ମିନୁଶ୍ରୀ ଖୁଂଟିଆ,
୪. ଶ୍ରୀମତୀ ଛବି ଦାଶ,
୫. ଶ୍ରୀ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ,
୬. ଶ୍ରୀମତୀ ମୋନାଲିସା ସାହୁ,
୭. ଶ୍ରୀମତୀ ରଞ୍ଜୁଲତା ରାୟ

ଅଦ୍ୟ ତା ୧୯.୦୯.୨୦୨୨ ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିରଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଡେଙ୍ଗୁ ରୋଗ ବ୍ୟାପୁଅଛି, ତେଣୁ ନିଗମାଂଚଳରେ ମଶାଧୂଆଁ ଛଡ଼ାଯାଉ, ପ୍ରତ୍ୟେକ ନାଳରେ ମଶା ତେଲ ପକାଯାଉ ଏବଂ ଯେଉଁଠାରେ ପାଣି ଜମୁଅଛି ତାହାକୁ ସଫା କରିବା ସହିତ ଜନସଚେତନତା କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଜନସାଧାରଣ ଖୋଲା ସ୍ଥାନରେ ମଳତ୍ୟାଗ ନକରିବା ପାଇଁ ଆଉ ୬ (ଛଅ) ଗୋଟି Ten seated Mobile toilet କ୍ରୟ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନଂ-୨୪, ୨୫, ୨୭, ୩୭, ୩୮ ଓ ୩୯ ର ସଫେଇ କାର୍ଯ୍ୟ ଠିକା ନେଇଥିବା ସଂସ୍ଥାଙ୍କର ମିଆଦ ତା ୩୦.୦୯.୨୦୨୨ ରିଖରେ ଶେଷ ହେଉଅଛି, ଉକ୍ତ ୱାର୍ଡ ଗୁଡ଼ିକର ନୂତନ agency selection ସମ୍ବନ୍ଧରେ ମାମଲା ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ବିଗ୍ରହଧିନ ଥିବାରୁ ନୂତନ ଠିକାଦାର ଟେଣ୍ଡର ଫଇସଲା ହୋଇ ପାରୁନାହିଁ, ତେଣୁ ଉପରୋକ୍ତ ଛଅ ଗୋଟି ୱାର୍ଡର ସଫେଇ କାର୍ଯ୍ୟ ନିଗମ ଦ୍ୱାରା ପରିଚ୍ଛଳିତ ହେବ ଏବଂ Out Sourcing ମାଧମରେ ଆବଶ୍ୟକ ସଂଖ୍ୟକ ସଫେଇ କର୍ମଚ୍ଚରୀ ନିୟୋଜନ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳର ମୁଖ୍ୟ ରାସ୍ତା ସଫେଇ କାର୍ଯ୍ୟ Mechanical Sweeping ମାଧମରେ କେତେକ ଘରୋଇ ସଂସ୍ଥା ଦ୍ୱାରା କରାଯାଉଅଛି ଏବଂ ଅନ୍ୟ ମୁଖ୍ୟ ରାସ୍ତା Mechanical Sweeping ଦ୍ୱାରା ସଫା କରିବାର ଆବଶ୍ୟକ ପଡୁଥିବାରୁ ଆଉ ଦୁଇ ଗୋଟି Mechanical Sweeping Machine କ୍ରୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମାଂଚଳ ମଧରେ ଥିବା ଜାତୀୟ ରାଜପଥକୁ ଭୁବନେଶ୍ୱର ମହାନଗର ନିଗମ ସଫେଇ କାର୍ଯ୍ୟ କରୁଅଛି, ଏହି ବାବଦକୁ ଯେଉଁ ଅର୍ଥ ଖର୍ଚ୍ଚ ହେଉଅଛି ତାହାକୁ ଭରଣା କରିବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଭୁବନେଶ୍ୱର ମହାନଗର ନିଗମାଂଚଳର ସଫେଇ କାର୍ଯ୍ୟ ତଦାରଖ କରିବା ପାଇଁ ୧୦୦ (ଏକ ଶହ) ଗୋଟି Walkie tolkie କ୍ରୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ଭୁବନେଶ୍ୱର ମହାନଗର ନିଗମାଂଚଳର ଗଳି ରାସ୍ତା ଓ ବସ୍ତି ଗୁଡ଼ିକରୁ ଅଳିଆ ଆଣିବା ପାଇଁ ୧୫୦ (ଏକ ଶହ ପଚାଶ) ଗୋଟି Tri-cycles କ୍ରୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୮). ଭୁବନେଶ୍ୱର ମହାନଗର ନିଗମାଂଚଳରେ କାର୍ଯ୍ୟ କରୁଥିବା ସ୍ୱଚ୍ଛକର୍ମୀ ମାନଙ୍କର ମାସିକ ଟ ୨୦୦୦/-, ସ୍ୱଚ୍ଛସାଥି ମାନଙ୍କର ମାସିକ ଟ ୧୦୦୦/-, ସ୍ୱଚ୍ଛ ସୁପର୍‌ଭାଇଜର୍ ମାନଙ୍କର ମାସିକ ଟ ୧୦୦୦/- ମାତ୍ର ଲେଖାଏଁ ବୃଦ୍ଧି କରିବା ପାଇଁ କର୍ପୋରେସନ ଆଲୋଚନା କରାଯାଇ ନିଷ୍ପତି ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିରଂଚି ନାରାୟଣ ମହାସୁପକାର
ସଭାପତି
ତା ୧୯.୦୯.୨୦୨୨ ରିଖ